# Akashvani, Sambalpur

## SAMBALPURI NEWS BULLETIN

### 21 October 2025 – 6.47- 6.52 am.

**********************************************

ରେଲ୍‌ମନ୍ତ୍ରୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଗଲାକାଏଲ୍ ରେଲ୍‌ବାଇ ବୋର୍ଡ୍ ଜରୁରୀକାଲୀନ୍ ପ୍ରକୋଷ୍ଠକେ ଯାଇକରି ପାର୍ବଣ ସମିଆଥି ଯାତ୍ରୀ ପରିବହନ୍ ଥିତିର୍ ସମୀକ୍ଷା କରିଛନ୍ । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ ୨୪ ଘଂଟିଆ କାମ୍ ଲାଗି ରେଲ୍ କର୍ମଚାରୀମାନ୍‌କୁ ପ୍ରଶଂସା କର୍‌ବାର୍ ସହେତେ ଦିଆଲିର୍ ଶୁଭେଚ୍ଛା ଜନେଇଛନ୍ । ଇ ବଛର୍ ପାର୍ବଣ ସମିଆଥି ଯାତ୍ରୀମାନ୍‌କର୍ ଚାହିଦା ପୁରା କର୍‌ବାର୍ ଲାଗି ରେଲ୍‌ବାଇ ତର୍‌ଫୁ ବହୁତ୍‌ଟେ ବ୍ୟବସ୍ଥା କରାଯାଇଛେ । ଦୁର୍ଗାପୂଜା, ଦିଆଲି, ଛଟ୍ ପୂଜା ଲାଗି ୧୨ ହଜାର୍ ୧୧ ଟା ଖାସ୍ ଟ୍ରେନ୍ ଚଲାଚଲ୍ କରୁଛେ । ଫିଁ’ ଦିନିଆ ଟ୍ରେନ୍ ସେବା ଛଡ଼ା ପାର୍ବଣ ସମିଆଥି ଯାତ୍ରୀମାନ୍‌କର୍ ଚାହିଦାର୍ ଲାଗି ଅକ୍ଟୋବର୍ ୧ ନୁ ୧୯ ତାରିଖ୍ ଭିତ୍‌ରେ ୩ ହଜାର୍ ୯ ଶହ ୬୦ ଟା ଖାସ୍ ଟ୍ରେନ୍ ଚଲାଚଲ୍ କରିଥିଲା । ଦିଆଲି ଆର୍ ଛଟ୍ ପୂଜା ଲାଗି ଆଏବା ଦିନେ ପାଖାପାଖି ଆହୁରି ୮ ହଜାର୍ ଟ୍ରେନ୍ ଚଲାଚଲ୍ କରାଯିବା ବଲି ଇ ଅବ୍‌ସରେ ରେଲ୍‌ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

ନୂଆପଡ଼ା ଉପ ନିର୍ବାଚନ୍        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଉପ ନିର୍ବାଚନ୍ ଲାଗି ଗଲାକାଏଲ୍ ନାମାଙ୍କନ୍ ଦାଖଲ୍ ପ୍ରକ୍ରିୟା ଶେଷ୍ ହେଇଛେ । ଶେଷ୍ ଦିନ୍‌ତକ୍ ମୋଟ୍ ୧୯ ଝନ୍ ପ୍ରାର୍ଥୀ ନାମାଙ୍କନ୍ ଦାଖଲ୍ କରିଛନ୍ । ତିନ୍‌ହି ପ୍ରମୁଖ ରାଜନୈତିକ୍ ଦଲ୍ ବିଜେପିର ଜୟ ଢୋଲ୍‌କିଆ, ବିଜେଡ଼ିର୍ ସ୍ନେହାଙ୍ଗିନୀ ଛୁରିଆ ଆଉ କଂଗ୍ରେସ୍‌ର ଘାସିରାମ୍ ମାଝୀ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ଗଲାକାଏଲ୍ ବିଜେପି ଆଉ କଂଗ୍ରେସ୍ ପ୍ରାର୍ଥୀ ୨ ଟା ଅତିରିକ୍ତ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ସେନ୍ତା ସମାଜ୍‌ବାଦୀ ପାର୍ଟିନୁ ରମାକାନ୍ତ ହାତୀ, ବହୁଜନ୍ ମୁକ୍ତି ପାର୍ଟିନୁ ହେମନ୍ତ ତାଣ୍ଡି, ବହୁଜନ୍ ସମାଜ୍ ପାର୍ଟି ତର୍‌ଫୁ ରାଜାରାମ୍ ସାହୁ, ଓଡ଼ିଶା ଜନତା ଦଲ୍‌ନୁ ସୁକଧର ଡନ୍‌ସନା, ରାଷ୍ଟ୍ରୀୟ ପରିବର୍ତନ ଦଲ୍‌ର ସୀତାରାମ୍ ବେହେରା ଙ୍କର୍ ସହେତେ ୧୧ ଝନ୍ ସ୍ୱାଧୀନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖ୍‌ଲ କରିଛନ୍ । ଉପ ନିର୍ବାଚନ୍ ଲାଗି ୨୫ ଝନ୍ ପ୍ରାର୍ଥୀ ୩୫ ଟା ଫର୍ମ ଘିନିଥିବାର୍ ବେଲେ ୧୯ ଟା ଦାଖଲ୍ କରାଯାଇଛେ ।

ଆଏବା ୨୨ ତାରିଖ୍ ଦିନ ପ୍ରାର୍ଥୀପତ୍ର ଯାଂଚ୍ କରାଯିବାର୍ ସହେତେ ୨୪ ତାରିଖ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍‌ର ଶେଷ୍ ଦିନ ରହିଛେ । ନଭେମ୍ବର୍ ୧୧

ତାରିଖ୍ ଭୋଟ୍ ଗ୍ରହଣ୍ କରାଯାଇକରି ୧୪ ତାରିଖ୍ ଭୋଟ୍ ଗନ୍ତି ହେବା ଆଉ ୧୬ ତାରିଖ୍‌ତକ୍ ଫଲାଫଲ୍ ଘୋଷ୍‌ନା ହେବା ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୬ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ଼୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ନିଜର୍ ମତାମତ୍ ଦେଇପାର୍‌ବେ ।

ପୁଲିସ୍ ଶହୀଦ୍ ସ୍ମୃତି ଦିବସ୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ଦେଶର୍ ଲାଗି ଜୀବନ ହାରିଥିବା ବୀର ପୁଲିସ୍ ମାନ୍‌କୁ ସୁର୍‌ତା କରିକରି ଆଏଜ୍ ରାଏଜେ ପୁଲିସ୍ ଶହୀଦ୍ ସ୍ମୃତି ଦିବସ୍ ପାଲନ୍ କରାଯାଉଛେ ।

ଇ ଅବ୍‌ସରେ କଟକ୍ ଠାନେ ଥିବା ରାଜ୍ୟ ପୁଲିସ୍ ମୁଖ୍ୟାଲୟ ନ ଆଏଜ୍ ଉପର୍‌ବେଲା ୬୬ ନମ୍ବର୍ ପୁଲିସ୍ ଶହୀଦ୍ ସ୍ମୃତି ଦିବସ୍ ସମାରୋହ ଆୟୋଜନ୍ କରାଯାଉଛେ । କାର୍ଯ୍ୟକ୍ରମ୍‌ଥି ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୁର୍ ଖୁରାନିଆଙ୍କର୍ ସହେତେ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଉପସ୍ଥିତ୍ ରହିକରି ଶହୀଦ୍ ଯବାନ୍ ମାନ୍‌କୁ ସମ୍ମାନ୍ ଜନାବେ ।

ପୟାଶ୍ରାଦ୍ଧ ପୁରୀ ସମ୍ବାଦଦାତା

ଦିଆଲି ଅବ୍‌ସରେ ଗଲାକାଏଲ୍ ଶ୍ରୀକ୍ଷେତ୍ର ପୁରୀ ନ ପିତୃପୁରୁଷମାନ୍‌କର୍ ମୋକ୍ଷ ପ୍ରାପ୍ତି ଲାଗି ପୟାଶ୍ରାଦ୍ଧ ଆଉ ବଡ଼ବଡୁଆ ଡକା କରାଯାଇଥିବାର୍ ବେଲେ ଆଏଜ୍ ଭିଲ୍ ସିଂହଦୁଆର ଆଗ୍‌ଆଡ଼େ ଇ ନୀତି କରାଯିବା । ଶ୍ରୀମନ୍ଦିର୍ ଆଗ୍‌ଆଡ଼େ ପ୍ରଶାସନିକ୍ ଶୃଙ୍ଖଲା ଆଉ ବ୍ୟବସ୍ଥା ଭିତ୍‌ରେ ଲକ୍ଷାଧିକ୍ ଭକ୍ତ ବଡ଼ବଡୁଆ ଡାକୁଥିବାର୍ ବେଲେ ନିଜର୍ ପିତୃପୁରୁଷମାନ୍‌କର୍ ଉଦ୍ଦେଶ୍ୟ ନ କାଉଁରିଆଥି ଜୁଏ ଲଗେଇକରି

ଦୀପଦାନ୍ କରିଛନ୍ । ଭକ୍ତ ଆଉ ଶ୍ରଦ୍ଧାଳୁମାନ୍‌କର୍ ଭିଡ଼୍‌କେ ନଜର୍‌ଥି ରଖିକରି ପ୍ରଶାସନ୍ ତର୍‌ଫୁ ବ୍ୟାପକ୍ ପୁଲିସ୍ ଫୋର୍ସ ମୁତୟନ୍ କରାଯାଇଛେ ।

ଜେଇଇ -୨୦୨୬- ସୂଚୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ପରୀକ୍ଷଣ୍ ସଂସ୍ଥା-ଏନ୍‌ଟିଏ ତର୍‌ଫୁ ଯୁଗ୍ମ ପ୍ରବେଶିକା ପରୀକ୍ଷା- ଜେଇଇ -୨୦୨୬ ଲାଗି ତାରିଖ୍ ଘୋଷ୍‌ନା କରାଯାଇଛେ । ପହେଲା ସେସନ୍  ପରୀକ୍ଷା ଆଏବା ବଛର୍ ଜାନୁଆରୀ ୨୧ ନୁ ୩୦ ତାରିଖ୍‌ତକ୍ ହେବା । ୨ ନମ୍ବର୍ ସେସନ୍  ପରୀକ୍ଷା ଆଏବା ଏପ୍ରିଲ୍ ୧ ନୁ ୧୦ ତାରିଖ୍‌ତକ୍ ଚାଲ୍‌ବା । ଜାନୁଆରୀ ମାସେ ହେବାର୍‌କେ ଥିବାର୍ ପରୀକ୍ଷା ଲାଗି ଇ ମାସେ ପଞ୍ଜିକରଣ୍ କର୍‌ବାର୍‌କେ ପଡ଼୍‌ବା । jeemain.nta.nic.in ୱେବ୍‌ସାଇଟ୍ ଜରିଏ ପରୀକ୍ଷାର୍ଥୀମାନେ ପଞ୍ଜିକରଣ୍ କରିପାର୍‌ବେ । ସେନ୍ତା ସେସନ୍ -୨ ପରୀକ୍ଷା ଲାଗି ଆଏବା ଜାନୁଆରୀ ଶେଷ୍ ହପ୍ତାଥି ପଞ୍ଜିକରଣ୍ ମୁଲ୍ ହେବା ।

ବିଶ୍ୱ ଆୟୋଡ଼ିନ୍ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ବିଶ୍ୱ ଆୟୋଡ଼ିନ୍ ଦିବସ୍ । ସୁସ୍ଥ ଶରୀର୍ ଆର୍ ଉନ୍ନତ ମସ୍ତିଷ୍କ ଲାଗି ଆୟୋଡିନ୍ ମିଶା ନୁନ୍ ଖାଏବାର୍ ଆବଶ୍ୟକତା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଇ ଦିବସ୍ ମନାଯାଉଛେ । ଆୟୋଡ଼ିନ୍ ଅଭାବ୍ ହେଲେ ଗଳଗଣ୍ଡ ରୋଗ୍ ହେବାର୍ ସହେତେ ଭିନ୍ ଭିନ୍ ରୋଗ୍ ମାନେ ହେସି । ଫି ବଛର୍ ପୁର୍‌ଥି ନ ପାଖାପାଖି ୭୪ କୋଟି ଲୋକ୍ ଆୟୋଡିନ୍ ଅଭାବ୍ ଜନିତ ରୋଗଥି ପିଡ଼ିତ ହେବାର୍ ବେଲେ ଭାରତ୍‌ର ୨ କୋଟି ଲୋକ୍ ଇଥି ପ୍ରଭାବିତ୍ ହେସନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ଆଉ ତାକେ ଲାଗି କରି ଥିବା ଦକ୍ଷିଣ-ପୂର୍ବ ବଙ୍ଗୋପ୍‌ସାଗର୍ ନ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଘୂର୍ଣ୍ଣିବଳୟ ଆଏଜ୍ ଲଘୁଚାପ୍ କ୍ଷେତ୍ର ହେବାର୍ ସମ୍ଭାବନା ରହିଛେ । ଅଏତ୍‌କା ଘନୀଭୂତ୍ ହେଇକରି ଆଏବା ୨୩ ତାରିଖ୍‌ତକ୍ ଅବପାତ୍‌ଥି ବଦ୍‌ଲିବାର୍ ସମ୍ଭାବନା ଅଛେ ବଲି ଭାରତୀୟ ପାଣିପାଗ ବିଭାଗ୍ ଆକଳନ୍ କରିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ନୁ ୨୬ ତାରିଖ୍‌ତକ୍ ଭିନ୍ ଭିନ୍ ଜାଗା ନ ମଧ୍ୟମ୍ ନୁ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ

ବୌଦ୍ଧ ସହେତେ ୧୦ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।